# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26 January – 2026

**************************************

## ମୁଖ୍ୟ ସମ୍ବାଦ

- କର୍ତ୍ତବ୍ୟପଥରେ ପ୍ରଦର୍ଶିତ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଶର ପ୍ରସ୍ତୁତି, ପ୍ରଯୁକ୍ତିବିଦ୍ୟା କ୍ଷମତା ଓ ନାଗରିକଙ୍କ ପ୍ରତିବଦ୍ଧତାର ପ୍ରତିଫଳନ; କହିଲେ ପ୍ରଧାନମନ୍ତ୍ରୀ

– ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ପ୍ରତିଫଳିତ ହେଲା କୋଣାର୍କ ଚକ୍ର, ପଟ୍ଟଚିତ୍ର ଓ ଆତ୍ମନିର୍ଭର ଭାରତର ଝଲକ

- ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ମେଳାକୁ ଆଉ କିଛି ସମୟ ପରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

- ପଞ୍ଚତତ୍ତ୍ୱ ପାର୍କ ଓ ସୁପୋଷିତ ଓଡ଼ିଶା ମିଶନର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ କପ୍ ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ଦଳ ଚମ୍ପିଆନ

– ତିଲେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣମେଣ୍ଟର ଫାଇନାଲରେ ସୁନ୍ଦରଗଡ଼

Desk

# ରିପବ୍ଲିକ ଡେ-୨୦୨୬

ଦେଶ ଆଜି ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରୁ ଗଣତନ୍ତ୍ର ଦିବସ ପାଳନ କରିବାରେ ରାଷ୍ଟ୍ରର ନେତୃତ୍ୱ ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଯୁଦ୍ଧ ସ୍ମାରକୀ ଗସ୍ତ ସହିତ ଏହି ସମାରୋହ ଆରମ୍ଭ ହୋଇଥିଲା। ଶ୍ରୀ ମୋଦୀ ସହିଦ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି ପରେଡର ମୁଖ୍ୟ ଅତିଥି ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲେୟନ୍‌ଙ୍କ ସହ କର୍ତ୍ତବ୍ୟ ପଥରେ ପହଞ୍ଚିଥିଲେ। ଜାତୀୟ ପତାକା ଉତ୍ତୋଳନ ପରେ ୨୧ ତୋପସଲାମୀ ସହିତ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

ଆଜି ଗଣତନ୍ତ୍ର ଦିବସ ପରେଡରେ ଭାରତର ସାଂସ୍କୃତିକ ବିବିଧତା ଏବଂ ସାମରିକ ଶକ୍ତିର ଏକ ଅନନ୍ୟ ମିଶ୍ରଣ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱତନ୍ତ୍ରତାର ମନ୍ତ୍ର : ବନ୍ଦେ ମାତରମ୍' ଏବଂ 'ସମୃଦ୍ଧିର ମନ୍ତ୍ରଃ ଆତ୍ମନିର୍ଭର ଭାରତ'। ପରେଡ ସମୟରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗର ୩୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା।

କର୍ତ୍ତବ୍ୟପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ରାଜ୍ୟର ସମୃଦ୍ଧ ପରମ୍ପରା ଓ ଅପରା ସାମର୍ଥ୍ୟର ପରିଚୟ

ପ୍ରଦାନ କରିଥିଲା। ଏଥିରେ ପରମ୍ପରାରୁ ପ୍ରଗତି ଏବଂ ସରକାରଙ୍କ ସଂକଳ୍ପ ବଦ୍ଧ ବିକାଶ ଯାତ୍ରାର ଜୀବନ୍ତ ପ୍ରତିଫଳନ ଦେଖିବାକୁ ମିଳିଥିଲା। କୋରାପୁଟ କଫି, ଓଡ଼ିଶାର ବୈଷୟିକ ଜ୍ଞାନକୌଶଳ ସିଲିକନ୍ ଚିପ୍, କୋଣାର୍କ ଚକ୍ର, ପଟ୍ଟଚିତ୍ରର ଶାଶ୍ୱତ ଶୈଳୀ, ଆତ୍ମନିର୍ଭର ଭାରତରେ ରାଜ୍ୟର ଯୋଗଦାନକୁ ପ୍ରଦର୍ଶିତ କରାଯାଇଥିଲା।

ରାଷ୍ଟ୍ରପତି ମୁର୍ମୁ ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳାଙ୍କୁ ଭାରତର ସର୍ବୋଚ୍ଚ ଶାନ୍ତିକାଳିନ ସାହସିକତା ପୁରସ୍କାର ଅଶୋକ ଚକ୍ରରେ ସମ୍ମାନିତ କରିଥିଲେ। ପରେଡ ସମୟରେ ୨ ହଜାର ୫୦୦ରୁ ଅଧିକ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଯେଉଁଥିରେ ବିଭିନ୍ନ ବର୍ଗର ସ୍ୱତନ୍ତ୍ର ଅତିଥିମାନେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାଧାରଣତନ୍ତ୍ର ଦିବସ ପରେଡରେ ଭାରତର ମହାନ ସୁରକ୍ଷା ଉପକରଣ ପ୍ରଦର୍ଶିତ ହୋଇଛି। ଯାହା ଦେଶର ପ୍ରସ୍ତୁତି, ପ୍ରଯୁକ୍ତିବିଦ୍ୟା କ୍ଷମତା ଏବଂ ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ସାଧାରଣତନ୍ତ୍ର ଦିବସ ଅବସରରେ ଅଟ୍ଟାରୀ-ୱାଘା ସୀମାରେ 'ଧ୍ୱଜାବତରଣ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ସୀମାରେ ବିଏସ୍ଏଫ୍ ତାର ଶୌର୍ଯ୍ୟ ଓ ପରାକ୍ରମ ପ୍ରଦର୍ଶନ କରିଛି।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ ଆଜି ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ଭବନରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ଆକାଶବାଣୀର ମହାନିର୍ଦ୍ଦେଶକ ରାଜୀବ କୁମାର ଜୈନ ଆକାଶବାଣୀ ଭବନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ ବି ବାତ୍ କାର୍ଯ୍ୟକ୍ରମ ଦେଶବ୍ୟାପୀ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସକାରାତ୍ମକ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବାର ଏକ ମଞ୍ଚଭାବେ ଉଭା ହୋଇଛି। ଉତ୍ସବରେ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ, ପ୍ରସାରଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ପ୍ରମୁଖ  ଉପସ୍ଥିତ ଥିଲେ।

Desk

## ଗଣତନ୍ତ୍ର-ଜିଲ୍ଲା

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ୍‌ପାଟି ଭୁବନେଶ୍ୱର ଗାନ୍ଧିମାର୍ଗରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଓଡିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ରାଜ୍ୟବାସୀ ସଂକଳ୍ପ ନେବା ଲାଗି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ତାଙ୍କ ବାର୍ତ୍ତାରେ କହିଥିଲେ।

୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ଏହି ଅବସରରେ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କଟକ ବାରବାଟୀ ଷ୍ଟାଡିୟମ୍‌ରେ ପତାକା ଉତ୍ତୋଳନ କରି ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉଦ୍‌ବୋଧନ ଦେଇ ଶ୍ରୀ ମାଝୀ କହିଥିଲେ ଆମ ସମ୍ବିଧାନ ଆମକୁ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱ ଭାବର ମହାନ ଭାବରେ ବାନ୍ଧି ରଖିଛି। ଏହା ଭାରତବାସୀଙ୍କ ପାଇଁ ବିଶ୍ୱରେ ନିଆରା ପରିଚୟ ସୃଷ୍ଟି କରିଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଅନେକ ସ୍ୱପ୍ନ, ସମ୍ଭାବନା ଓ ସୁଯୋଗ ଆଣି ଆସିଛି। ଲୋକତନ୍ତ୍ରର ଆଦର୍ଶକୁ ଉଜ୍ଜୀବିତ ରଖି ସମୃଦ୍ଧ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ସମସ୍ତଙ୍କୁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସରକାର ସବ୍‌କା ସାଥ୍ ସବ୍‌କା ବିକାଶ ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଶା ଆସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ସୁଭଦ୍ରା ଯୋଜନା, ଆୟୁଷ୍ମାନ ଭାରତ ଏବଂ ଅନ୍ନଦାତାଙ୍କ ପାଇଁ ୩ ହଜାର ୧୦୦ ଟଙ୍କାର ଧାନ ସହାୟକ ମୂଲ୍ୟ ପ୍ରଦାନ ସହ ଜନମଙ୍ଗଳକାରୀ ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକ ଓଡ଼ିଆଙ୍କ ଜୀବନରେ

ସକାରାତ୍ମକ ପଦକ୍ଷେପ ଆଣିବାକୁ ଚେଷ୍ଟା ଜାରି ରଖିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

I&PR

## ସାଧାରଣତନ୍ତ୍ର ଦିବସ– ଗୃହ ନିର୍ମାଣ ସଚିବ

ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ କର୍ମଚାରୀଙ୍କ ସମାନ ଅଧିକାର ସହ ଦାୟିତ୍ୱ ମଧ୍ୟ ନ୍ୟସ୍ତ ରହିଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ି କହିଛନ୍ତି। ଭୁବନେଶ୍ୱର ଉନ୍ନତି ଭବନ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସର ପତାକା ଉତ୍ତୋଳନ କରି ଶ୍ରୀମତୀ ପାଢ଼ି କହିଛନ୍ତି, ଆଜିର ସମସ୍ତଙ୍କୁ ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ରାଜ୍ୟ ତଥା ଦେଶର ପ୍ରଗତିରେ ନିଜକୁ ଉତ୍ସର୍ଗ କରିବାର ଅବସର ଆଣି ଦେଇଥାଏ। ରାଜ୍ୟର ବିକାଶମୂଳକ କାର୍ଯ୍ୟକୁ ନିଷ୍ଠା, ସ୍ୱଚ୍ଛତା ଏବଂ ଜନସେବା ମନୋଭାବ ସହ ଆଗେଇ ନେବା ପାଇଁ ଶ୍ରୀମତୀ ପାଢ଼ି କହିଛନ୍ତି।

Desk

## ସଂଗୀତ ଉତ୍ସବ ଭାରତୀୟମ୍

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦେଶାତ୍ମବୋଧକ ସଂଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ ହେଉଛି। କାର୍ଯ୍ୟକ୍ରମକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି।

Desk

## ଆଦିବାସୀ ମେଳା

ଭୁବନେଶ୍ୱର ଆଦିବାସୀ ପଡ଼ିଆ ୟୁନିଟ୍-୧ରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ କିଛି ସମୟ ପରେ ଉଦ୍‌ଘାଟନ କରିବେ। ମେଳାରେ ଆଦିବାସୀ ହାଟ, କଳାକୃତି ଓ ହସ୍ତଶିଳ୍ପକୁ ନେଇ ସମନ୍ୱିତ ଉନ୍ନୟନ ସଂସ୍ଥା, ମ୍ୟାନେଜମେଣ୍ଟ ପ୍ଲାନ ଅଞ୍ଚଳ ଓ ସରକାରୀ ସଂସ୍ଥାର ଷ୍ଟଲ ପ୍ରଦର୍ଶନ କରାଯାଉଛି। ଏଥିରେ ଆଦିବାସୀ ଜୀବନଶୈଳୀ, ସଂସ୍କୃତି ସମେତ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପକୁ ଦର୍ଶାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ୬୨ ଆଦିବାସୀ ବର୍ଗଙ୍କୁ ବିକାଶର ଧାରାରେ ସାମିଲ କରିବା ଲକ୍ଷ୍ୟ ନେଇ ପ୍ରତି ବର୍ଷ ଭୁବନେଶ୍ୱରଠାରେ ଏହି ମେଳାର ଆୟୋଜନ କରାଯାଉଛି। ମେଳା ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

Desk

## ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ପଞ୍ଚତତ୍ତ୍ୱ ପାର୍କ ଓ ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ କର୍ମଶାଳାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ବିକଶିତ ଓଡ଼ିଶା-୨୦୩୬ ଲକ୍ଷ ପୂରଣ ଦିଗରେ କୁପୋଷଣ ମୁକ୍ତ ଓ ସୁସ୍ଥ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

Rayagada/Nuapada

## ସାଇକେଲ ର୍ୟାଲି

ନୂଆପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବାଲ୍ୟବିବାହ ମୁକ୍ତ ଭାରତ ସମ୍ବନ୍ଧିତ ସାଇକେଲ ର୍ୟାଲି ଅନୁଷ୍ଠିତ ହୋଇଯାଇଛି । ଏହି ସାଇକେଲ ର୍ୟାଲିକୁ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ଓ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁନୀଲ କୁମାର ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ଶିଶୁ ବିବାହ ନୁହେଁ, ଶିକ୍ଷା ହିଁ ଭବିଷ୍ୟତ ଉପରେ ଆୟୋଜିତ ଏକ ସାଇକେଲ ର୍ୟାଲି କାର୍ଯ୍ୟକ୍ରମ ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।

Kalahandi

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷା ସହିତ କ୍ରୀଡ଼ାର ବିକାଶ ଅପରିହାର୍ଯ୍ୟ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି । କଳାହାଣ୍ଡି ଜିଲ୍ଲା କେସିଙ୍ଗସ୍ଥିତ ଆଜି ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ନବନିର୍ମିତ ଅତ୍ୟାଧୁନିକ ଖେଳ ପଡ଼ିଆକୁ ଲୋକାର୍ପିତ କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ମନ୍ତ୍ରୀ 'ଏକ ପେଡ଼ ମା' କେ ନାମ୍' ଅଭିଯାନରେ ବୃକ୍ଷରୋପଣ କରିଥିଲେ ।

Nayagarh

## ବାର୍ଷିକ ଉତ୍ସବ

ନୟାଗଡ଼ ଜିଲ୍ଲା ଇଟାମାଟି ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

Subarpur

## ଲାଲମନି ଟୁର୍ଣ୍ଣାମେଣ୍ଟ

ସୁବର୍ଣ୍ଣପୁର ଜିଲ୍ଲା ଗାନ୍ଧୀ ପଡ଼ିଆରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ କପ୍-୨୦୨୬ର ଫାଇନାଲ ମ୍ୟାଚ୍‌ରେ ଏମ୍.ଏମ୍.ସି.ସି. ସମ୍ବଲପୁର ଦଳ ଚାମ୍ପିଅନ ହୋଇଛି । ଫାଇନାଲରେ ଏମ୍.ଏମ୍.ସି.ସି. ଭୁବନେଶ୍ୱରର ବାପୁଜୀ କ୍ରିକେଟ କ୍ଲବକୁ ୯ ରନ୍‌ରେ ପରାସ୍ତ କରିଥିଲା । ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳି ନରେନ୍ଦ୍ର ହିରଓ୍ୱାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚମ୍ପିଆନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ । ଗତ ୧୯ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା ।

Boudh

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ ଜିଲ୍ଲା ତିଳେଶ୍ୱର କପ୍ ଫୁଟବୁଲ ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ ଟାଇବ୍ରେକରେ ୪-୦ ଗୋଲ୍‌ରେ ଆଫ୍ରିକା ଇଲେଭେନ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ବରଗଡ଼ ଓ ଝାରସୁଗୁଡ଼ା ମଧ୍ୟମରେ ଖେଳ ଅନୁଷ୍ଠିତ ହେବ ।

ଆଜିର ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।

Desk

## ବିଧାୟକ କ୍ରିକେଟ କପ୍

ବରଗଡ଼ ଜିଲ୍ଲାର ଆଗରପୁର ମିନି ଷ୍ଟାଡିୟମରେ ବିଧାୟକ କ୍ରିକେଟ କପ୍-୨୦୨୬ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଜି ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଓ ଭଟ୍‌ଲି ଦଳ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବରଗଡ଼ ଦଳ ବିଜୟୀ ହୋଇ ପ୍ରଥମ ଟିମ୍ ଭାବେ ଫାଇନାଲକୁ ପ୍ରବେଶ କରିଛି। ମୋଟ୍ ୮ଟି ଦଳକୁ ନେଇ ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ବିଧାୟକ କ୍ରିକେଟ କପ ଆୟୋଜନ କରାଯାଉଛି।